**ସଂକ୍ଷେପରେ**

## ଓଡ଼ିଆ ଭାଷା ସମ୍ମିଳନୀ ପ୍ରତିଯୋଗିତା ଉଦ୍‌ଯାପିତ



ପଦ୍ମପୁର, ୪।୨ (ପ୍ରଶାନ୍ତ କୁମାର କର)

ପଦ୍ମପୁରସ୍ଥିତ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ବ୍ଲକ୍‌ସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ଶବରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟ ନାରାୟଣ ନାୟକ, ଚନ୍ଦ୍ରସେନ ଲିମାଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା । ପୂର୍ବରୁ ବିଦ୍ୟାଳୟସ୍ତରରେ ଆୟୋଜିତ କୁଇଜ, ତର୍କ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରୀଛାତ୍ର ଏଥିରେ ଭାଗ ନେଇ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଛାତ୍ରୀଛାତ୍ରଙ୍କ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ ସମସ୍ତଙ୍କ ମନ ମୋହି ନେଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଅଜିତ କୁମାର ଚୌଧୁରୀ, ଶତ୍ରୁଘ୍ନ ପାତ୍ର, ପି. ବିଶ୍ୱନାଥ, ଶିବା ଆଚାରି, ବିଶ୍ୱଭାରତୀ ପାଣିଗ୍ରାହୀ, ଶାନ୍ତନୁ କୁମାର ଦାସ ଆଦି ପରିଚାଳନା କରିଥିଲେ। ଶିକ୍ଷକ ନୀଳମାଧବ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ ।

## ଗୁଡ଼ାରିରେ ମିଶନ ଶକ୍ତି କବି ସମ୍ମିଳନୀ



ଗୁଡାରି,୪।୨ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ବ୍ଲକ ମିଶନ ଶକ୍ତି ଭବନ ପରିସରରେ ଶୁକ୍ରବାର ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାଷା ଅତୀତର ଅସ୍ତିତ୍ୱ, ଭାଷା ହିଁ ଭବିଷ୍ୟତ ଶୀର୍ଷକ କବି ସମ୍ମିଳନୀରେ ଅତିଥି ଭାବେ ବିଡିଓ ଅନିଶା ଦାସ, ସିଡିପିଓ ପୁଷ୍ପାଞ୍ଜଳି ପଟ୍ଟନାୟକ, ବିପିଏମ୍ ମାନସ ବାରିକ, ବିପିସି କ୍ରାନ୍ତି ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ମୋଟ ୨୫ ଜଣ ଗୋଷ୍ଠୀ ସଦସ୍ୟା ଭାଗ ନେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସଦସ୍ୟାଙ୍କୁ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କେବଳ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପାଇଁ ଉଦ୍ଦିଷ୍ଟ ଥିଲା। କାର୍ଯ୍ୟକ୍ରମରେ ବିଚାରକ ଭାବେ ଶିକ୍ଷକ ଅମିୟ ପୁରୋହିତ ନିୟୋଜିତ ଥିଲେ ଏବଂ ବିଭାଗର ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଥଇଥାନ ଦାବି କଲେ ଉଚ୍ଛେଦ ବସ୍ତିବାସିନ୍ଦା

**ଆଶା ଆଶଙ୍କାରେ କାଟୁଛନ୍ତି ଦିନ**

ରାୟଗଡ଼ା,୪।୧ (ଆଶିଷ ରଞ୍ଜନ ପଣ୍ଡା)



ରେଲୱେ ପକ୍ଷରୁ କୋଇଲାପଡାଠାରେ ଚାଲିଥିବା ବସ୍ତି ଉଚ୍ଛେଦ।

ରାୟଗଡ଼ା ରେଳ ଡିଭିଜନ ଅଫିସ ଓ ତୃତୀୟ ରେଳଧାରଣା ନିର୍ମାଣ ନିମନ୍ତେ ବସ୍ତିଗୁଡ଼ିକ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ବସ୍ତି ଉଚ୍ଛେଦ ପରେ ସେହି ଜମିରେ ନୂତନ ଡିଭିଜନ କାର୍ଯ୍ୟାଳୟ ସ୍ଥାପନା କରାଯିବ। ସେହିଭଳି ବିଭିନ୍ନ ସ୍ଥାନରେ ରେଲୱେ ଜମିରେ ଥିବା ବସ୍ତି ଉଚ୍ଛେଦ କରାଯାଇ ବିଜୟନଗରମ-ଟିଟିଲାଗଡ ନୂତନ ରେଳଲାଇନ ନିର୍ମାଣ କାମ ଚାଲିଛି । ତେବେ ବସ୍ତି ଉଚ୍ଛେଦ ହେଲେ ସେମାନେ କୁଆଡ଼େ ଯିବେ ଓ କେଉଁଠି ରହିବେ ନେ ନେଇ ଏବେ ବିରାଟ ପ୍ରଶ୍ନ ଭାବେ ଉଭା ହୋଇଛି । ହଜାର ହଜାର ଲୋକ ବିଭିନ୍ନ ବସ୍ତିରେ ରହୁଥିବା ବେଳେ ସେମାନଙ୍କ ଥଇଥାନ ନେଇ କେହି ଚିନ୍ତା ପ୍ରକଟ କରୁନାହାନ୍ତି । ଅନ୍ୟପଟେ ଏକ ସପ୍ତାହ ସୁଦ୍ଧା ବସ୍ତି ଖାଲି କରିବା ପାଇଁ ରେଳ ବିଭାଗ ପକ୍ଷରୁ ଶେଷ ନୋଟିସ ଜାରି କରାଯାଇଛି । ତେଣୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଥଇଥାନ କରିବା ପାଇଁ ବସ୍ତିବାସିନ୍ଦା ଦାବି କରିଛନ୍ତି। ବିଭିନ୍ନ ବସ୍ତିର ଲୋକ ତହସିଲ କାର୍ଯ୍ୟାଳୟ ଆସି ନିଜର ଅଭିଯୋଗ ଦାଖଲ କରିବା ସହ ତୁରନ୍ତ ଥଇଥାନ କରିବା ପାଇଁ ଦାବି କରୁଥିଲେ ସୁଦ୍ଧା ଏହାର କୌଣସି ସମାଧାନ ହୋଇପାରୁନାହିଁ।

ଦିନ ମଜୁରିଆ ଶ୍ରେଣୀର ଏହି ଲୋକମାନେ ଗତ ୪୦ ବର୍ଷ ହେବ ଉକ୍ତ ସ୍ଥାନରେ ରହିବା ସହ ନିଜର ଜୀବନ ଜୀବିକା ନିର୍ବାହ କରୁଛନ୍ତି। ଏବେ ରେଳ ବିଭାଗ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରୁଥିବା ବେଳେ ସେମାନେ କୁଆଡ଼େ ଯିବେ ବୋଲି ପ୍ରଶ୍ନ କରିଛନ୍ତି । ତୁରନ୍ତ ରାଜ୍ୟ ସରକାର ସମସ୍ତ ବସ୍ତିର ଲୋକଙ୍କୁ ଭୂମି ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରିବାକୁ ଦାବି କରିଛନ୍ତି। ପ୍ରକାଶ ଥାଉକି, ଉଚ୍ଛେଦ ହେବାକୁ ଥିବା ସମସ୍ତ ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ପାଇଁ ପିତାମହଲ ପଞ୍ଚାୟତ ଅନ୍ତର୍ଗତ କୁଡେସୁ ଗାଁ ନିକଟରେ ୫୪ ଏକର ଜମି ଗତ ବର୍ଷ ଚିହ୍ନଟ ହୋଇଥିଲା। ହେଲେ ସେଠାରେ ମଧ ବିବାଦ ରହିଥିବାରୁ ପ୍ରଶାସନ ଯୋଗ୍ୟ ଲୋକଙ୍କୁ ଥଇଥାନ କରାଯିବା ସହ ସମସ୍ତ ସୁବିଧା ପ୍ରଦାନ କରାଯିବ ବୋଲି କେବଳ ପ୍ରତିଶ୍ରୁତି ଦେଇଛି। ଏ ନେଇ ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁଙ୍କୁ ପଚାରିବାରୁ, ସେ ରାୟଗଡ଼ା ତହସିଲଦାର ଭାବେ କାର୍ଯ୍ୟରେ ଯୋଗଦେବା ପରେ କେହି ତାଙ୍କ ନିକଟକୁ ଆସି ନ ଥିବା କହିଛନ୍ତି। ଯଦି ସେମିତି କୌଣସି ବସ୍ତିବାସିନ୍ଦା ଆସନ୍ତି ତେବେ ଯୋଗ୍ୟ ହିତାଧିକାରୀ ଚୟନ କରାଯାଇ ଥଇଥାନ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

## କେ. କେରଳରେ ପହଞ୍ଚିଲେ ମେଡିକାଲ ଟିମ୍

ଟିକିରି,୪।୨ (ପ୍ରଫୁଲ୍ଲ କୁମାର ବେହେରା)

**ଭୋଜି ଖାଇ ୪ ମୃତ ଘଟଣା**

ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତ କେ.କେରଳ ଗ୍ରାମରେ ଦଶାହ ଭୋଜି ଖାଇ ୩ଦିନରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟରୁ ମେଡିକାଲ ଟିମ୍ କେ.କେରଳ ଗାଁରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଭୋଜି ଖାଇ ଯେଉଁ ଲୋକଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିବା କାଶୀପୁର ମେଡିକାଲର ଇନଚାର୍ଜ ନେତ୍ରାନନ୍ଦ ନାୟକ ସୂଚନା ଦେଇଛନ୍ତି । ରକ୍ତ ପରୀକ୍ଷା ରିପୋର୍ଟ ଆସିଲା ପରେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

ସୂଚନାନୁଯାୟୀ, ୩୧ ତାରିଖରେ କେ.କେରଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଦଶାହ ଭୋଜି କରାଯାଇଥିଲା। ଭୋଜି ଖାଇ ଫେରିବା ପରେ ନିକଟସ୍ଥ ଶୁଖୁଆବାଡ଼ ଗ୍ରାମର ଖଗ ଝୋଡ଼ିଆଙ୍କ ପେଟବ୍ୟଥା ହୋଇଥିଲା। ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିଭଳି ପେଟ ବ୍ୟଥା, ମୁଣ୍ଡ ବିନ୍ଧା, ଝାଡ଼ାବାନ୍ତିର ଶିକାର ହୋଇ ଅଭି, ବନ ଏବଂ ଚମ୍ପାଙ୍କର ମଧ ପରବର୍ତ୍ତୀ ସମୟରେ ମୃତ୍ୟୁ ହୋଇଥିଲା। ଏହାବ୍ୟତୀତ ଭୋଜି ଖାଇଥିବା ଅନ୍ୟମାନେ ମଧ ଅସୁସ୍ଥତା ଅନୁଭବ କରୁଥିଲେ।

## ତାମିଲଗୁଡ଼ା ଦଳ ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଗୁଣପୁର,୪।୨ (ପ୍ରଦୀପ କୁମାର ପାଢୀ)

**ଗ୍ରାମାଞ୍ଚଳ ଭଲିବଲ ଟୁର୍ଣ୍ଣାମେଣ୍ଟ**

ରାୟଗଡା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁରଠାରେ ଗତ ୨୬ରୁ ଚାଲିଥିବା ଗ୍ରାମାଞ୍ଚଳ ଭଲିବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ତାମିଲଗୁଡା ଦଳ କଇଠପଦରକୁ ହରାଇ ବିଜୟ ଲାଭ କରିଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ଗୌରି ଶଙ୍କର ଦାସ ଯୋଗଦେଇ ବିଜୟୀ ତାମିଲଗୁଡା ଦଳକୁ ଟ୍ରଫି ସହ ନଗଦ ୩୦୦୧ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ରନର୍ସ ଅପ ଦଳକୁ ୧୧୦୧ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଜଗନ୍ନାଥପୁର ଇନ୍ଦିରା କଲୋନୀ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଶିରିଝୋଲି ଏବଂ ଜଗନ୍ନାଥପୁର ପଞ୍ଚାୟତର ୧୬ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ଜଗନ୍ନାଥପୁର ପଞ୍ଚାୟତର ତାମିଲଗୁଡା ଏବଂ ଶିରିଝୋଲି ପଞ୍ଚାୟତର କଇଠପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବତନ ସରପଞ୍ଚ ଗୌରୀ ଗମାଙ୍ଗ ଉପସ୍ଥିତ ଥିଲେ।

## 'କ୍ରୀଡ଼ା ଦ୍ୱାରା ଶାରୀରିକ, ମାନସିକ ବିକାଶ ହୁଏ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଗୁଣପୁର, ୪।୨ (ପ୍ରଦୀପ କୁମାର ପାଢ଼ୀ)

**ଉତ୍ସରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ**

ଗୁଣପୁର ବ୍ଲକ ଉତ୍ସରା ସରକାରୀ (ଏସ.ଏସ.ଡି) ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଝିଲି ଶବର, ରାଜ୍ୟ ଯୁବ ଜନତା ଦଳ ଉପସଭାପତି ବିଷ୍ଣୁ ପଣ୍ଡା, ଉତ୍ସରା ସରପଞ୍ଚ ସନ୍ତୋଷୀ ଶବର, ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ଦଲେଇ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା, ବିଜେଡି ନଗର ସଭାପତି ରାମ ପଣ୍ଡା, ବାବା ପ୍ରସାଦ, ରମେଶ ଚନ୍ଦ୍ର ଲିମା, ରାଜେଶ୍ୱରୀ ଦଲେଇ ଓ ସ୍କୁଲ ପରିଚାଳନା କମିଟି ଅଧକ୍ଷ ଅଶ୍ୱିନୀ ଶବର ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେମ ଗମାଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ଜୀବନରେ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ସହ ମୁଖ୍ୟବକ୍ତା କହିଥିଲେ। ଏଥିସହ କ୍ରୀଡ଼ା ଓ ଶାରୀରିକ ବ୍ୟାୟାମ ଦ୍ୱାରା ଶାରୀରିକ ଓ ମାନସିକ ବିକାଶ ସହ ଶିକ୍ଷାର ମଧ ଉତ୍ତରୋତ୍ତର ଉନ୍ନତି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ବିଦ୍ୟାଳୟ କ୍ରୀଡା ଶିକ୍ଷକ ମନୋଜ ତୁଲ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିଙ୍କ ଦାରା ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜ ପ୍ରତିଭା ଦେଖାଇଥିଲେ। ପୌରାଣିକ କଥାବସ୍ତୁ ସହ ଆଧୁନିକ ଚାଲିଚଳନର ପାର୍ଥକ୍ୟ କିପରି ନୈତିକ ଓ ମାନବିକ ମୂଲ୍ୟବୋଧକୁ ପ୍ରଭାବିତ କରିଛି ତାହାକୁ ଅତି ସୁନ୍ଦର ଭାବରେ ଷ୍ଟଲ ମାଧ୍ୟମରେ ଛାତ୍ରୀମାନେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ । ଶିକ୍ଷକ ସୁନୀଲ କୁମାର ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୀଟାର ବାଦକ ଜନ ସିଂଙ୍କ ପରଲୋକ

ଭଞ୍ଜନଗର,୪।୨ (ବାବୁଲା ପ୍ରଧାନ):

ରାଜ୍ୟର ଜଣାଶୁଣା ଗୀଟାର ବାଦକ ଜନ ସିଂ (୭୨) ରବିବାର ଭଞ୍ଜନଗର ଖ୍ରୀଷ୍ଟିଆନ ସାହି ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ଏହି ଖବର ସହରରେ ପ୍ରଚାରିତ ହେବାପରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି। ଜନ ସିଂ ବିଶିଷ୍ଟ ଜାଦୁଗର ପି ଏଲ ଏସ ସୁନ୍ଦରକା ସମେତ ଅନେକ ଜଣାଶୁଣା ସ୍ଥାନରେ ସଙ୍ଗୀତ ସହଯୋଗୀ ଭାବେ କାମ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

**୮୦ ହଜାର ଟଙ୍କା, ୨୮ ବାଇକ୍ ଜବତ**

ରାୟଗଡ଼ା,୪।୨ (ଆଶିଷ ରଞ୍ଜନ ପଣ୍ଡା)



ପୋଲିସ ଗହଣରେ ଗିରଫ ୫ ଅଭିଯୁକ୍ତ ।

ରାୟଗଡ଼ାରେ ନୂତନ ଏସ୍‌ପି ହରିଶ ବି.ସି.ଙ୍କ ଯୋଗଦାନ ପରେ ସକ୍ରିୟ ହୋଇପଡ଼ିଛି ପୋଲିସ ବିଭାଗ । ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପକ୍ଷରୁ ବିଭିନ୍ନ ଜୁଆ ଆଡ୍ଡା ଉପରେ ଚଢ଼ାଉ ଆରମ୍ଭ ହୋଇଛି। ଶନିବାର ବିଳମ୍ବିତ ରାତିରେ ଚାନ୍ଦିଲି ଥାନା ଆଇଆଇସି ପ୍ରସନ୍ନ ବେହେରାଙ୍କ ନେତୃତ୍ୱରେ ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ନଗଦ ୮୦ହଜାର ୨୭୦ଟଙ୍କା, ୨୮ଟି ମୋଟରସାଇକେଲ ଜବତ କରିବା ସହିତ ୫ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ କୋଟାପେଟା ଗ୍ରାମର ଏନ.ଗୌରୀ, ରାୟଗଡ଼ା ସହର କସ୍ତୁରି ନଗରର ବି.ଗୌରୀ, କାମ୍ପ ମାଳିଗାଁର ଏମ.ତ୍ରିନାଥ, ତାଡିପୁର ଗ୍ରାମର ଉମାଶଙ୍କର କୌଶଲ୍ୟା ଏବଂ ଗଞ୍ଜାମ ଜିଲା କାଣ୍ଡିଗାଁର ନଗେନ୍ ସାମନ୍ତରାୟ ବୋଲି ଆଇଆଇସି ବେହେରା ସୂଚନା ଦେଇଛନ୍ତି ।

ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ମାଳିଗାଁ ପଞ୍ଚାୟତର କାଶିଲି ଗ୍ରାମରେ ଚଢ଼ାଉ କରିଥିଲା । ପୋଲିସକୁ ଦେଖି ଜୁଆଡିମାନେ ସେଠାରୁ ଚମ୍ପଟ ମାରିଥିଲେ। ତେବେ ପୋଲିସ ସେମାନଙ୍କ ପଛରେ ଗୋଡ଼ାଇ ୫ଜଣଙ୍କୁ ଗିରଫ କରିଥିଲା । ଜୁଆ ଖେଳରେ ସାମିଲ ଥିବା ଅନ୍ୟମାନଙ୍କୁ ପୋଲିସ ଖୋଜୁଥିବା ଜଣାପଡ଼ିଛି। ଜିଲାରେ କୌଣସି ପ୍ରକାର ଅନୈତିକ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ଏବଂ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ହରିଶ ଜିଲାର ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ମଧ ପୋଲିସ ପକ୍ଷରୁ ଏଭଳି ଚଢ଼ାଉ ଜାରି ରହିବ ଏବଂ ଜିଲାକୁ ଅପରାଧମୁକ୍ତ କରାଯିବ ବୋଲି ଏସ୍‌ପି ହରିଶ କହିଛନ୍ତି।



ଜବତ ଟଙ୍କା ।

## ୟୁଜିଏମ୍‌ଆଇଟିରେ ଉତ୍କଳ ଗୌରବଙ୍କ ଶ୍ରାଦ୍ଧବାର୍ଷିକୀ

ରାୟଗଡ଼ା,୪।୨ (ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ାସ୍ଥିତ ୟୁଜିଏମଆଇଟି କଲେଜରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୦ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ୟୁଜିଏମଆଇଟି କଲେଜସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ନାରାୟଣ ପଟେଲ, ଜିଲା ଶିଳ୍ପ କେନ୍ଦ୍ର ବିକାଶ ଅଧିକାରୀ ତଥା ପୂର୍ବତନ ଛାତ୍ର ସବ୍ୟସାଚୀ ସାହୁ ଏବଂ କଲେଜର ସମସ୍ତ ଅଧାପକ ଅଧାପିକା, ଛାତ୍ରୀଛାତ୍ର ଉପସ୍ଥିତ ରହି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁସୂଦନ ଦାସଙ୍କ ତ୍ୟାଗ ଓ ବଳିଦାନର ସ୍ମୃତିଚାରଣ କରିଥିଲେ ।

## ଇଣ୍ଟାଲ କ୍ୟାମ୍ପସ ହାଇସ୍କୁଲରେ ବାର୍ଷିକ ଉତ୍ସବ

ରାୟଗଡ଼ା,୪।୨ (ଆଶିଷ ରଞ୍ଜନ ପଣ୍ଡା)

କୋଲନରା ବ୍ଲକ ଅନ୍ତର୍ଗତ ଥେରୁବାଲିସ୍ଥିତ ଇଣ୍ଟାଲ କ୍ୟାମ୍ପସ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଜର ଲକ୍ଷ୍ୟ ନିରୂପଣ କରି ଉଚିତ ମାର୍ଗରେ ଆଗେଇବାକୁ ପରାମର୍ଶ ଦେବା ସହ ଜୀବନରେ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଇଣ୍ଟା ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ଶକ୍ତି ପ୍ରସାଦ ପାଣିଗ୍ରାହୀ, କୋଲନରାସ୍ଥିତ ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥ ମିଶ୍ର, ଶ୍ରୀନିବାସ ପଟ୍ଟନାୟକ, ମମତା ପୁଲାକା ଓ ନିତ୍ୟାନନ୍ଦ ବିଡିକା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ପଣ୍ଡା ଏବଂ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ଶିକ୍ଷୟିତ୍ରୀ ଗାୟତ୍ରୀ ଦାସ ଓ ସୁନୀତା ହୋତାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏଏଚଏସଇ-୨୦୨୩ ପରୀକ୍ଷାରେ ସର୍ବାଧିକ ମାର୍କ ରଖି କୃତିତ୍ୱ ହାସଲ କରିଥିବା ଛାତ୍ରୀ ଚିନ୍ମୟୀ ପାତ୍ର ଓ ଗତବର୍ଷ ଗାନ୍ଧୀ ଜୟନ୍ତୀ ଅବସରରେ ପାର୍ଲାମେଣ୍ଟ ଭବନରେ ପ୍ରଥମ ଅଭିଭାଷଣ ରଖିଥିବା ଛାତ୍ରୀ ଆଫିୟା ବଶୀର, ଭି. ସୋନିଆ ଓ ମାର୍ଗଦର୍ଶକ ବିଜ୍ଞାନ ଶିକ୍ଷକ ପ୍ରମୋଦ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣ ବରିହା କୃତୀ ଛାତ୍ରୀଙ୍କୁ ସମ୍ମାନିତ କରୁଛନ୍ତି।

## ବିଭିନ୍ନ ଦାବି ନେଇ ପାଚିକା, ସହାୟିକା ମହାସଂଘର ବୈଠକ

ଗୁଣପୁର, ୪।୨ (ପ୍ରଦୀପ କୁମାର ପାଢ଼ୀ)

ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ରାୟଗଡା ଜିଲା ଗୁଣପୁର ତହସିଲ ଅଫିସ ସଙ୍ଗୀତ କଳା ନିକେତନ ନିକଟରେ ବ୍ଲକସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ପାଚିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ମାସିକ ସର୍ବନିମ୍ନ ମଜୁରି ୨୬ ହଜାର ଟଙ୍କା ପ୍ରଦାନ, ପାଚିକାଙ୍କୁ ୧୦ ମାସ ପରିବର୍ତ୍ତେ ୧୨ମାସର ପାରିଶ୍ରମିକ ପ୍ରଦାନ କରିବା, ୨୦୨୨ ମେ, ଜୁନରେ କାମ କରିଥିବା ସମସ୍ତ ପାଚିକାଙ୍କୁ ପାରିଶ୍ରମିକ ପ୍ରଦାନ କରିବା, ୨୦୦୯ ଡିସେମ୍ବରରୁ ୨୦୧୨ ମାର୍ଚ୍ଚ ପର୍ଯ୍ୟନ୍ତ କାମ କରିଥିବା ସମସ୍ତ ପାଚିକା ସହାୟିକାଙ୍କ ନିର୍ଭୁଲ ତାଲିକା ପ୍ରସ୍ତୁତ କରି ମୃତକଙ୍କ ଉତ୍ତରାଧିକାରୀଙ୍କୁ ଓ ଅବସରପ୍ରାପ୍ତ ପାଚିକାଙ୍କୁ ପାରିଶ୍ରମିକ ଅବିଳମ୍ବେ ପ୍ରଦାନ କରିବାକୁ ଦାବି ହୋଇଛି। ସେହିପରି ସ୍କୁଲ ବନ୍ଦ, ସ୍କୁଲ ମିଶ୍ରଣ ଫଳରେ ବାଦ୍ ପଡିଥିବା ସମସ୍ତ ପାଚିକାଙ୍କୁ ଅନ୍ୟତ୍ର ନିଶ୍ଚିତ ନିଯୁକ୍ତି କରିବା, ପିଲାସଂଖ୍ୟା କମ୍ ପାଇଁ ବନ୍ଦ ହୋଇଥିବା ୯୬୬ ଓ ୧୪୩୭୯ ପ୍ରାଥମିକ ବିଦ୍ୟାଳୟକୁ ତୁରନ୍ତ ଖୋଲାଯାଇ ପାଚିକାଙ୍କୁ ନିଯୁକ୍ତି କରିବା, ଅବସରକାଳୀନ ବୟସ ସୀମା ୬୫କୁ ବୃଦ୍ଧି କରିବା ସହିତ ୬୦ ବର୍ଷ ପରେ ବାଦ୍ ପଡିଥିବା ପାଚିକାଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ, ପାଚିକାଙ୍କୁ ପ୍ରତିମାସ ପ୍ରଥମ ସପ୍ତାହରେ ପାରିଶ୍ରମିକ ପ୍ରଦାନ କରିବା, ମଧ୍ୟାହ୍ନ ଭୋଜନ କାମ ବ୍ୟତୀତ ଅନ୍ୟାନ୍ୟ କାମରେ ନିୟୋଜିତ ବନ୍ଦ କରିବା, ଛୁଟି ନେବାର ବ୍ୟବସ୍ଥା ସହିତ ସରକାରୀ ନିୟମ ଅନୁଯାୟୀ ପାରିଶ୍ରମିକ ସହିତ ପ୍ରସୂତିକାଳୀନ ଛୁଟିର ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନକୁ ଅକ୍ଷୟ ପାତ୍ର ଓ ନନ୍ଦୀ ଫାଉଣ୍ଡେସନ ଭଳି ଘରୋଇ ସଂସ୍ଥାକୁ ହସ୍ତାନ୍ତର ବନ୍ଦ କରିବା, ପାଚିକାଙ୍କ ଗତ ୪ବର୍ଷର ବକେୟା ଶାଢି ପ୍ରଦାନ ସହିତ ବର୍ଷକୁ ୨ ହଳ ଶାଢି ପ୍ରଦାନ, ସାମାଜିକ ନିରାପତ୍ତା, ବୀମାଭୁକ୍ତ କରିବା, ଅବସରକାଳୀନ ସହଯୋଗ ରାଶିକୁ ୫୦ ହଜାର ଟଙ୍କା ପ୍ରଦାନ କରିବା, ବିଭିନ୍ନ ସ୍କୁଲରେ ନୂତନ ଭାବେ ନିଯୁକ୍ତି ପାଉଥିବା ପାଚିକାଙ୍କୁ ନିଯୁକ୍ତି ଦିନଠାରୁ ପାରିଶ୍ରମିକ ପ୍ରଦାନ, ଶ୍ରମିକ, କର୍ମଚାରୀ ବିରୋଧ ଶ୍ରମ କୋଡକୁ ବାତିଲ କରିବା, ମଧ୍ୟାହ୍ନ ଭୋଜନ ଓ ପାଚିକା ସହାୟିକା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବଜେଟରେ ଆବଶ୍ୟକ ବ୍ୟୟ ବରାଦ କରିବାର ବ୍ୟବସ୍ଥା କରିବା ସହିତ ଛାତ୍ରମାନଙ୍କର ମୁଣ୍ଡପିଛା ଖାଇବା ଖର୍ଚ୍ଚ ବୃଦ୍ଧି ସହ ନୂତନ ଶିକ୍ଷାନୀତି ୨୦୨୦କୁ ବାତିଲ କରିବା ପାଇଁ ଦାବି ହୋଇଥିଲା । ଏହି ବୈଠକରେ ତ୍ରିପତି ଗମାଙ୍ଗ, ମୁନି ଶବର, ମୁକ୍ତିଲତା ଶବର, ଜକେବଲ ଶବର, ଜିବନ୍ତି ଗମାଙ୍ଗ, ଚନ୍ଦ୍ରାବତୀ ଶବର, ଗିତନି ଶବର, ମାଧୁରୀ ଗୌଡ, ଗିରି ଗୌଡ, ସରୋଜିନୀ ଗୌଡ, ରଶ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକା ମହାସଂଘର ଶୋଭାଯାତ୍ରା।

# ୩ ଅନାଥ ଶିଶୁଙ୍କୁ ଉଦ୍ଧାର କଲା ଶିଶୁ ସୁରକ୍ଷା ବିଭାଗ

## ଧରିତ୍ରୀ ପ୍ରଭାବ

ଦଶମନ୍ତପୁର, ୪।୨ (ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ମରିଚଗୁଡ଼ା ଗ୍ରାମରେ ମା'ବାପାଙ୍କ ମୃତ୍ୟୁ ପରେ ୩ ଶିଶୁ ଅନାଥ ହୋଇ ପଡ଼ିଥିଲେ। ରବିବାର ଶିଶୁ ସୁରକ୍ଷା ବିଭାଗ ସେମାନଙ୍କୁ ଉଦ୍ଧାର କରିଛି। ଖବରରୁ ଜଣାପଡ଼ିଛି, ଗତ ଡିସେମ୍ବର ୨ ତାରିଖରେ ଗ୍ରାମର ଅଖିଳ ସାଉନ୍ତା ଓ ଜାନୁଆରୀରେ ସ୍ତ୍ରୀ ଶୁକ୍ରିଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ୧୩ ବର୍ଷର ବଡ଼ ଝିଅ ରମିତା, ୯ବର୍ଷର ପୁଅ ନିରଞ୍ଜନ ଓ ୬ବର୍ଷର ରାହୁଲ ଅନାଥ ହୋଇଯାଇଥିଲେ। ଏମାନେ ବୃଦ୍ଧା ଜେଜେ ମା' ସାଲାଇ ସାଉନ୍ତାଙ୍କ ପାଖରେ ଆଶ୍ରୟ ନେଇଥିଲେ। ଏ ସମ୍ପର୍କରେ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ସାମାଜିକ କର୍ମୀ ଦୀପା ବାରିକ ଏହାକୁ ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଗୁରୁତର ସହ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଦଶମନ୍ତପୁର ବ୍ଲକରେ କାର୍ଯ୍ୟରତ କେସ୍ ୱାର୍କର ପ୍ରତାପ ଚନ୍ଦ୍ର ଜେନା ମରିଚଗୁଡା ଗ୍ରାମକୁ ଯାଇ ଅନାଥ ୩ ଅନାଥ ଭଉଣୀଭାଇଙ୍କୁ ଉଦ୍ଧାର କରି କୋରାପୁଟ ଜିଲା ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରିଥିଲେ। ସେଠାରୁ ଏହି ୩ ଶିଶୁଙ୍କୁ ଶିଶୁମଙ୍ଗଳ ସମିତି ଅଧକ୍ଷା ଗାୟତ୍ରୀ ପାତ୍ର ଦଶମନ୍ତପୁର ଆଇଡିଏସ୍ କେନ୍ଦ୍ରକୁ ହସ୍ତାନ୍ତର କରିଥିବା ଜଣାପଡିଛି।

# ଦେଶୀ ଖତ ବ୍ୟବହାର ଉପରେ ଗୁରୁତ୍ୱ

## କୃଷି ବିଜ୍ଞାନକେନ୍ଦ୍ର ପକ୍ଷରୁ ପ୍ରାକୃତିକ କୃଷି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୪।୨(ଅମିତାଭ ବେହେରା)




ଅଧିକାରୀମାନେ ଦେଶୀ ଖତର ବ୍ୟବହାର ସମ୍ପର୍କରେ ଚାଷୀଙ୍କୁ ବୁଝାଉଛନ୍ତି ।

ପାରମ୍ପରିକ, ସ୍ୱଦେଶୀ କୃଷି ଅଭ୍ୟାସକୁ ପୋଷାହିତ କରିବା ଲକ୍ଷ୍ୟରେ ଭାରତ ସରକାର ପ୍ରାକୃତିକ କୃଷି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରାକୃତିକ କୃଷିରେ ଅଧିକ ପରିମାଣରେ ରାସାୟନିକ ସାର ଓ ଔଷଧ ବ୍ୟବହାର ନ କରି ଦେଶୀ ଗାଈ ଗୋବର, ଗୋମୁତ୍ର, ନିମ୍ବପତ୍ର, ଲଙ୍କା ଓ ଦେଶୀ ଜିନିଷକୁ ବ୍ୟବହାର କରି ପ୍ରସ୍ତୁତ ହେଉଥିବା ଖତ ଓ ଔଷଧକୁ ବ୍ୟବହାର କରିବାକୁ ପୋସାହନ ପ୍ରଦାନ କରାଯାଉଛି । ଏହି ପରିପେକ୍ଷୀରେ କୋରାପୁଟ ଜିଲାର ସେମିଳିଗୁଡାସ୍ଥିତ କୃଷି ବିଜ୍ଞାନକେନ୍ଦ୍ର ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହେଉଛି । ଗତ ୩ ଓ ୪ ତାରିଖରେ କୃଷି ବିଜ୍ଞାନକେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ବିଶ୍ୱନାଥ ସାହୁଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ହୋଇଛି। ଏଥିରେ କୃଷକମାନଙ୍କୁ ସଚେତନତା କରିବାକୁ ଜୀବାମୃତ, ହାଣ୍ଡିଖତ, ନିମାସ୍ତ୍ର, ବ୍ରହ୍ମସ୍ତ୍ର, ଅଗ୍ନେୟାସ୍ତ୍ର ପ୍ରସ୍ତୁତି ପ୍ରଣାଳୀ, ରୋଗପୋକ ଚିହ୍ନି ସଠିକ ଔଷଧ ଠିକ ସମୟରେ ଉଚିତ୍ ପ୍ରଣାଳୀରେ କିପରି ପ୍ରୟୋଗ କରିବେ ସେନେଇ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନିକଟସ୍ଥ ହଞ୍ଜାରାଗୁଡା ଗ୍ରାମ ସମେତ ଆଖପାଖ ଅଞ୍ଚଳରୁ ୮୦ ଚାଷୀ ତାଲିମ ନେଇଥିଲେ। ସମସ୍ତଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଷେତ୍ର ବୈଜ୍ଞାନିକ ସୁନିତା ଦଣ୍ଡସେନା, କୃଷି ସମ୍ପ୍ରସାରଣ ଅଧିକାରୀ କ୍ରିଷ୍ଣମୟୀ ସେଠୀ, ଓ କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀମାନେ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଗତ ଜାନୁଆରୀ ୩୦ ଓ ୩୧ ତାରିଖରେ କୋରାପୁଟ ନିଶାଣୀମୁଣ୍ଡାଠାରେ ହୋଇଥିବା ଜିଲାସ୍ତରୀୟ କୃଷିମେଳା ଓ ବିହନ ପ୍ରଦର୍ଶନୀରେ କୋରାପୁଟ କୃଷି ବିଜ୍ଞାନକେନ୍ଦ୍ର ସାମିଲ ହୋଇ ପ୍ରାକୃତିକ କୃଷି ପ୍ରଣାଳୀ, ଦେଶୀ ବିହନ କିସମ ପ୍ରଦର୍ଶନୀର ଆୟୋଜନ କରିଥିଲା। ଏହି ଅବସରରେ ପ୍ରାକୃତିକ କୃଷି ରଥ ଉଦଘାଟିତ ହୋଇ ପ୍ରାକୃତିକ କୃଷି ଉପରେ ଚାଷୀଙ୍କୁ ସଚେତନତା କରାଯାଇଥିଲା ।

# ଓଡ଼ିଆ ଭାଷାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଉଦ୍‌ବୋଧନ ଦେଉଛନ୍ତି ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ

ସୁନାବେଡ଼ା/ବୋରିଗୁମ୍ମା,୪।୨ (କୃତ୍ତିବାସ ପ୍ରଧାନ/ବିଜୟ ସାହୁ)

ବିଶ୍ୱ ଓଡ଼ିଆ ଭାଷା ସମିଳନୀର ଉଦ୍‌ଘାଟନ ଉତ୍ସବର ସିଧା ପ୍ରସାରଣ ସ୍ଥାନୀୟ ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ରୂପେ ଅଧକ୍ଷ ଡ.ରାଜେନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଉପସ୍ଥିତ ଜନସାଧାରଣ ଏବଂ ଅତିଥି 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ। ଅତିଥିଙ୍କ ମଧ୍ୟରେ କୃଷ୍ଣ ସିଂ, ଡ. ଅଶୋକ ପାତ୍ର, ଡ. ଆଲୋକ ବରାଳ, ବଂଶୀଧର ମହାରଣା ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଅଧକ୍ଷ ଡ. ପାତ୍ର ଓଡ଼ିଆ ଭାଷାର ଉନ୍ନତି ପାଇଁ ଆମେ ସମସ୍ତେ ଗୁରୁଦାୟିତ୍ୱ ନେବା ଜରୁରୀ ବୋଲି କହିଥିଲେ। ନିର୍ବାହୀ ଅଧିକାରୀ ନାରାୟଣ ନାୟକ ଏହି ଭାଷା ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ଉପାଧକ୍ଷା ରିତୁ କଣ୍ଡା ବ୍ୟବସାୟ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସେହିପରି ପ୍ରଥମ ଓଡ଼ିଆ ଭାଷା ବିଶ୍ୱ ସମିଳନୀ ପରିକ୍ରମା ରଥକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହି ପରିପେକ୍ଷୀରେ ଓଡ଼ିଆ ଭାଷା ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ମହାପାତ୍ର ଓ ଖବରଦାତା ମନୋଜ ପଟ୍ଟନାୟକ ପରିଚାଳନା କରିଥିଲେ।

ସେହିପରି ବୋରିଗୁମ୍ମା ପଞ୍ଚାୟତ ସମିତି ପକ୍ଷରୁ କାର୍ଯ୍ୟାଳୟ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକ, ବିଡିଓ ବିକ୍ରମ ଦୋରା, ଜିଲା ପରିଷଦ ସଭ୍ୟ ପ୍ରସାଦ ବିଡିକା, ସମିତିସଭ୍ୟା ପ୍ରିୟଙ୍କା ରଥ ଓ କର୍ମଚାରୀ, ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ। ସାହିତ୍ୟିକ ଡ. ରଜତ ଷଡ଼ଙ୍ଗୀ, ରବି ଶତପଥୀ, ଏନ. ରାଜେଶ କୁମାର, ନାଟ୍ୟକାର ସୁବାସ ଚନ୍ଦ୍ର ହରିଜନ, କବି ସରୋଜ ପ୍ରହରାଜ, ନାଟ୍ୟଗୁରୁ କର୍ଣ୍ଣ ଗୌଡ଼ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥଲା। ଉପସ୍ଥିତ ଅତିଥିମାନେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ।

# ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ପଟ୍ଟାଙ୍ଗି,୪।୨(ଶରତ ଧଳ)

ଛାତ୍ରୀମାନେ ବିଭିନ୍ନ ସମୟରେ ଯାତାୟାତ ବେଳେ ନିଜକୁ ଅସୁରକ୍ଷିତ ମନେ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରୀମାନଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। କୋରାପୁଟ ଜିଲା ପଟ୍ଟାଙ୍ଗିସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମ ଅଧିକାରୀ ରାଜଶ୍ରୀ କୁମାରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ବିଦ୍ୟାଳୟର ଏକ ଶ୍ରେଣୀ ଗୃହରେ ଏହି ଶିବିରକୁ ଅଧକ୍ଷ ରାମକୃଷ୍ଣ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଛାତ୍ରୀମାନେ ହୁଅନ୍ତୁ ଅବା ଗ୍ରାମାଞ୍ଚଳରେ ବସବାସ କରୁଥିବା ଝିଅମାନେ କିପରି ସୁରକ୍ଷିତ ରହିବେ ସେନେଇ ସରକାରୀ ସ୍ତରରୁ ଆରମ୍ଭ କରି ବେସରକାରୀ ସ୍ତରରେ ଏଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି। ସେମାନଙ୍କ ସୁରକ୍ଷା ଲାଗି ବିଭିନ୍ନ କୌଶଳଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଛି। ଛାତ୍ରୀମାନେ ଏହାର ସୁଯୋଗ ନେବାକୁ ଅଧକ୍ଷ ସାମଲ ପରାମର୍ଶ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମାଷ୍ଟର ଟ୍ରେନର ଭାବେ ଦୁଇ ଛାତ୍ରୀ ଏନ. ଅଞ୍ଜଳି ଏବଂ ଶ୍ରାବଣୀ ଗେମେଲ ତାଲିମ ପ୍ରଦାନ ଦେବା ନେଇ ସ୍ଥିର ହୋଇଥିବା କାର୍ଯ୍ୟକ୍ରମ ଅଧିକାରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଉଦଘାଟନ ଅବସରରେ ଅଧାପକ ଶେଷଦେବ ବାରିକ, ବୈଲୋଚନ ରଣା, କ୍ରୀଡା ଶିକ୍ଷକ ସୁକାନ୍ତ ଚନ୍ଦ୍ର ରାଉତରା, ସୁଧାଂଶୁ ଭୂଷଣ ଜେନା, ସଞ୍ଜୟ ପରିଡା, ହୃଷୀକେଶ ପ୍ରଧାନ, ଅନୀଲ ଖିଲ ପ୍ରମୁଖ ଉପସ୍ଥିତ ଥିଲେ।



ଶିବିରରେ ଛାତ୍ରୀମାନେ ତାଲିମ୍ ନେଉଛନ୍ତି ।

# ଭାସବି କନ୍ୟାକା ପରମେଶ୍ୱରୀ ମନ୍ଦିରରୁ ଚୋରି

ଜୟପୁର, ୪।୨ (ପବନ ପାଣିଗ୍ରାହୀ)

ଜୟପୁର ମହାରାଣୀପେଟାସ୍ଥିତ ଭାସବି କନ୍ୟାକା ପରମେଶ୍ୱରୀ ମନ୍ଦିରରୁ ଚୋରି ହୋଇଛି। ଟାଉନଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ମନ୍ଦିର ଭିତରେ ପଶି ତାଲା ଭାଙ୍ଗି ଚୋରି କରିଛନ୍ତି। ସକାଳୁ ମନ୍ଦିର ପୂଜକ ମନ୍ଦିର ତାଲା ଭାଙ୍ଗିଥିବା ଦେଖି ମନ୍ଦିର କମିଟିକୁ ଜଣାଇଥିଲେ। ଦୁର୍ବୃତ୍ତମାନେ ଦେବୀ ବାସବି ଓ ଭଗବାନ ଶିବଙ୍କ ମନ୍ଦିରରେ ଥିବା ସୁନା, ରୁପା ଗହଣା ଓ ଟଙ୍କା ଚୋରି କରି ନେଇଯାଇଛନ୍ତି। ମନ୍ଦିରରୁ ୨୧ ହଜାର ୨୪୪ ଟଙ୍କା, ୧୪ ଗ୍ରାମ ସୁନା, ୩୧୨ ଗ୍ରାମ ରୁପା, ୩୫୦ ଗ୍ରାମର ରୁପା ପୂଜା ଜିନିଷ , ୨ କେଜିର ରୁପା ମକର ତୋରଣ, ଶହେ ଗ୍ରାମର ଦୁଇଟି ରୁପା ମୁକୁଟ, ସୁନା ମଙ୍ଗଳ ସୂତ୍ର, ୩ ଶହ ଗ୍ରାମର ୨ଟି ଦେବୀଙ୍କ ରୁପା ପାଦ, ରୁପା ତ୍ରିଶୂଳ, ଛତା ଆଦି ଚୋରି ହୋଇଛି। ଏନେଇ ମନ୍ଦିର କମିଟି ସଭାପତି ଭିସତ୍ୟ ନାରାୟଣ, ସମ୍ପାଦକ ଏସ. ଭେଙ୍କଟ ରାମଣା ଟାଉନ ଥାନାରେ ଲିଖିତ କରିଥିଲେ ।

# ହରଗଣ୍ଡା ବୁଥ ସ୍ଥାନାନ୍ତର ହେବ କୁମ୍ଭାରିପୁଟ

ନନ୍ଦପୁର, ୪।୨ (ଶଙ୍କର ପୂଜାରୀ)–

ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହରେ ରବିବାର ବ୍ଲକରେ ଥିବା ୮୯ ପୋଲିଂ ବୁଥ ମଧ୍ୟରୁ କେତେକ ବୁଥକୁ ରାସ୍ତାଘାଟ ଓ ଅନ୍ୟାନ୍ୟ ଅସୁବିଧା ଯୋଗୁ ସ୍ଥାନାନ୍ତର ଓ ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ଲାଗି ନିଷ୍ପତ୍ତି ହୋଇଛି। ବିଡିଓ ଦୁର୍ଗା ପ୍ରସାଦ ଦୋରା ଅଧକ୍ଷତା କରିଥିଲେ। ଏଥିରେ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା, ସେକ୍ଟର ଅଫିସର ଓ ବିଏଲଓ ଉପସ୍ଥିତ ଥିଲେ। ହରଗଣ୍ଡା ବୁଥକୁ କୁମ୍ଭାରିପୁଟ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଥିଲା। ଜିପିଇଓ ବେଦାନ୍ତ ମାଝୀ ବୈଠକ ପରିଚାଳନା କରିଥିଲେ। କଂଗ୍ରେସରୁ ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ବିଜେଡି ବ୍ଲକ ସଭାପତି କାଶୀନାଥ ଗୋଲରି, ଭାଜପା ନେତା ଜୟରାମ ଭୋଇ, ଏସ୍‌ଡିସି ଉପାଧକ୍ଷା ଲକ୍ଷ୍ମୀ ହନ୍ତାଳ ଉପସ୍ଥିତ ଥିଲେ ।

# କୁକୁଡ଼ାଗାଲିରେ ଚଢ଼ାଉ, ୧୨ ବାଇକ୍ ଜବତ

ନନ୍ଦପୁର, ୪।୨(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତ ଅନ୍ତର୍ଗତ ରାଙ୍ଗିନିଗୁଡା ଗ୍ରାମରେ ଚାଲିଥିବା କୁକୁଡା ଗାଲି ଓ ଜୁଆଆଡ୍ଡା ଉପରେ ରବିବାର ପାଡୁଆ ପୋଲିସ ଚଢାଉ କରି ୧୨ଟି ବାଇକ୍ ଓ ଗୋଟିଏ ଅଟୋ ଜବତ କରିଛି। ଦୂରରୁ ପୋଲିସକୁ ଦେଖି ଜୁଆ ଖେଳୁଥିବା ବ୍ୟକ୍ତିମାନେ ଖସି ପଳାଇଥିଲେ। ଘଟଣା ସ୍ଥଳରୁ ପୋଲିସ ଖୁଡୁଖୁଡି ପାଲି, ତାସ୍, ୧୨ଟି ବାଇକ୍ ଓ ଗୋଟିଏ ଅଟୋ ଜବତ କରିଛି। ଥାନାଧିକାରୀ ଅଶୋକ ବିଷୋୟୀଙ୍କ ନେତୃତ୍ୱରେ ଏସଆଇ ଡିକେ ବାରିକ, ଏଚ. ବେନିଆ ଓ ଟୁନା ଶବର ଚଢାଉରେ ସାମିଲ ହୋଇଥିଲେ। ଏନେଇ ପାଡୁଆ ଥାନାରେ କେସ୍ ନଂ. ୩/୨୪ରେ ଏକ ମାମଲା ରୁଜୁ ହୋଇଛି। ଜବତ ଗାଡ଼ିଗୁଡିକ ମଧ୍ୟରୁ ଅଧିକାଂଶ ଗାଡ଼ିର କାଗଜପତ୍ର ଠିକ ନ ଥିବା ଥାନା ଅଧିକାରୀ ବିଶୋୟୀ କହିଛନ୍ତି।

# କୃଷି ଉତ୍ପାଦନକାରୀ ସଙ୍ଗଠନର ବୈଠକ, ଚାଷୀ ସମ୍ମିଳନୀ

ତେନ୍ତୁଲିଖୁଣ୍ଟି, ୪।୨ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟିସ୍ଥିତ ବାପୁଜୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ରବିବାର ଓରମାସ ସୌଜନ୍ୟରେ ଏବଂ ମକା ମିଶନରେ ବ୍ଲକସ୍ତରୀୟ କୃଷି ଉତ୍ପାଦନକାରୀ ସଙ୍ଗଠନର ବାର୍ଷିକ ବୈଠକ ଓ ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେସିସି ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଓରମାସ ଡେପୁଟି ସିଇଓ ଏ. ଉମା ମହେଶ, ତେନ୍ତୁଲିଖୁଣ୍ଟି ଲ୍ୟାମ୍ପସ ଏମ୍‌ଡି ନରେଶ ଦାସ, ଏବିଡିଓ କୃପାସିନ୍ଧୁ ନାୟକ, କୃଷି ଓଭରସିୟର ମଧୁସ୍ମିତା ପତି, ଏବିଇଓ ମୋହନ ମଧୁସୂଦନ ବାଘ ପ୍ରମୁଖ ଉପସ୍ଥିତ ଥିଲେ। ଓରମାସ ନବରଙ୍ଗପୁରର ସଂଯୋଜକ ଶକ୍ତି ସ୍ୱରୂପ ସାହୁ , ଆତ୍ମା ଏଟିଏମ ବାଳ ଗୋବିନ୍ଦ ସାହୁ ପ୍ରମୁଖଙ୍କ ସମେତ ୧୫୦ ସିଆରପି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗର ଦୋରା କୃଷି ଉତ୍ପାଦନକାରୀ ସଙ୍ଗଠନର ବାର୍ଷିକ ବୈଠକରେ ଅଂଶଧନକାରୀ ହେଲେ ଲାଭ କଣ, ସେ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଥିଲା। ବୈଠକରେ ପ୍ରାୟ ୫୩୦ ଅଂଶଧନ ରାଶି ଦାଖଲ କରିଥିଲେ। ଏକ ଲକ୍ଷ ୫୫ ହଜାର ୫୦୦ ଟଙ୍କା ସଂଗୃହୀତ ହୋଇଥିଲା। ଏହି ଅବସରରେ ଓରମାସ ଯୋଗାଇ ଦେଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଚାଷୀଙ୍କୁ ବୁଝା ଯାଇଥିଲା। କେସିସି ବ୍ୟାଙ୍କ ତରଫରୁ ଅଂଶଧନକାରୀ ହାଲିମା ମାଝୀ ଓ ପଙ୍କଜିନୀ ଡଙ୍ଗରିଙ୍କୁ ୨୦ ହଜାର ଟଙ୍କା ଋଣ ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ସମ୍ମିଳିତ ନିଷ୍ପତ୍ତି ଓ ଫଳପ୍ରସୂ କାର୍ଯ୍ୟକ୍ରମ ପ୍ରସ୍ତୁତ ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପ୍ରାୟ ୧୫୦୦ ମହିଳା ଚାଷୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଅଂଶଧନକାରୀଙ୍କୁ ଚେକ୍ ମାଧ୍ୟମରେ ଋଣ ରାଶି ପ୍ରଦାନ କରାଯାଉଛି।

# ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

କୋରାପୁଟ,୪।୨(ଅମିତାଭ ବେହେରା)

କୋରାପୁଟ ମ୍ୟୁନିସିପାଲିଟି ଓ ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଶନିବାର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନ୍ତର୍ଗତ ଭାଷା ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ପାଳନ ହୋଇଛି। ପୂର୍ବାହ୍ନ ୧୧ଟାରେ ସମସ୍ତ ବିଦ୍ୟାଳୟରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ସହରର ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୂଜାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବ୍ଲକର ଦେବୀଘାଟ ଜେଇଏଲ୍‌ସି ପ୍ରାଥମିକ ବିଦ୍ୟାଳୟରେ ଏହି ଉତ୍ସବ ପାଳନ ହୋଇଥିଲା। ଏକ୍ସବୋର୍ଡ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ରଥ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଦୀପ ପାତ୍ର, ହର ମିଶ୍ର ଓ ସୁବୋଧ ମାଝୀ ଯୋଗ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ଭାଷା ସାହିତ୍ୟ, ସୃଜନଶୀଳତା ଉତ୍ସବ

ଡାବୁଗାଁ, ୪।୨ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ବ୍ଲକସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଭଗବାନ ମାଝିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ଶରତ ମାଝି, ମୁଖ୍ୟବକ୍ତା ଅଧାପକ ରମେଶ ଚନ୍ଦ୍ର ନାହକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଅଜୟ ବଲ୍ଲଭ ପଣ୍ଡା ଓ ଲକ୍ଷ୍ମୀକାନ୍ତ ରଥ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ୪ର୍ଥ, ୫ମ ଓ ୬ଷ୍ଠ ଶ୍ରେଣୀକୁ ନେଇ କନିଷ୍ଠ ବିଭାଗ ଓ ସପ୍ତମ, ଅଷ୍ଟମ ଶ୍ରେଣୀକୁ ନେଇ ବରିଷ୍ଠ ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ, ବିତର୍କ ଓ ସୃଜନାତ୍ମକ କଳାର ପ୍ରଦର୍ଶନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୨ଟି ବିଭାଗରୁ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି କବୟିତ୍ରୀ କବିମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କନିଷ୍ଠ ଓ ବରିଷ୍ଠ ବର୍ଗରୁ ୪ଟି ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ୮ ଜଣ ଛାତ୍ରୀଛାତ୍ର ଜିଲାସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବରେ ଭାଗ ନେବେ। ଏଥିରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୁପ୍ତ ପ୍ରସାଦ ନାଗ, ଧନଞ୍ଜୟ ବଡଜେନା, ହେମନ୍ତ କୁମାର ପଣ୍ଡା, ପିଙ୍କି କୁମାରୀ ଗୁପ୍ତା, ଗୀତାଞ୍ଜଳି ବସ୍ତିଆ ସହଯୋଗ କରିଥିଲେ। ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

# ମାଘ ମଣ୍ଡେଇ ଉତ୍ସବ ପାଳନ ନେଇ ପ୍ରସ୍ତୁତି

ଡାବୁଗାଁ, ୪।୨ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଭୈରବ ମନ୍ଦିର ପ୍ରାଙ୍ଗଣରେ ପାରମ୍ପରିକ ମାଘ ମଣ୍ଡେଇ ପର୍ବ ପାଳନ ନେଇ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିପରି ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ମଣ୍ଡେଇ ଉତ୍ସବ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଆସନ୍ତା ୨୨ରେ ଡାବୁଗାଁରେ ମାଘ ମଣ୍ଡେଇ ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ନୂତନ କମିଟିର ସଭାପତି ବିନୋଦ ସୌରା, ଉପ ସଭାପତି ସତ୍ୟ ରଞ୍ଜନ ପାତ୍ର, ସମ୍ପାଦକ ରାମ କୁମାର ଗଣ୍ଡ, ସହ ସମ୍ପାଦକ ସୁରେନ୍ଦ୍ର ରେଲି ଓ କୋଷାଧକ୍ଷ ଆର୍ ଶଙ୍କର ରାଓଙ୍କୁ ମନୋନୀତ କରଯାଇଥିଲା। ବୈଠକରେ ଏମ୍‌ପି ପ୍ରତିନିଧି ଏମ. ଆପ୍ପା ରାଓ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, କୈଳାସ ବିଶୋୟୀ, ଦେବରାଜ ପାତ୍ର, ଜୟନ୍ତ କୁମାର ପାତ୍ର, ବିଶ୍ୱ ରଞ୍ଜନ ପାତ୍ର, ମିହିର ଶଙ୍କର ପାତ୍ର, ରାମ କୁମାର ଗଣ୍ଡ, ଜଗନ୍ନାଥ ରେଲି, ରାଜୁ ରେଲି, ମନୁ ରେଲି, ଭୈରବ ରାଓ, ପୂର୍ଣ୍ଣ ପୂଜାରୀ, ପାପନା ରେଲି, ତାରିଣୀ ରେଲି, ଅରୁଣ ହରିଜନ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ଉମୁରାହାଣ୍ଡି, ଡାବୁଗାଁ, ଡଙ୍ଗରିଗୁଡା, ଜୟନ୍ତୀ ନଗର ଏବଂ ବୋରିପଦର ପ୍ରମୁଖ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।



ବୈଠକରେ ଯୋଗଦେଇଥିବା ବିଭିନ୍ନ ଗ୍ରାମର ପ୍ରମୁଖ ବ୍ୟକ୍ତି।

# କମ୍ ଟଙ୍କାରେ ଗମନାଗମନ ସୁନିଶ୍ଚିତ କରିଛି ଲକ୍ଷ୍ମୀ ବସ୍

## ମହିଳା, ଛାତ୍ରୀଛାତ୍ରଙ୍କ ପାଇଁ ପାଲଟିଛି ଆଶୀର୍ବାଦ

ନବରଙ୍ଗପୁର,୪।୨(ସଦାଶିବ ପ୍ରହରଜ)





୨୦୨୩ ମାର୍ଗଶିର ମାସ ଗୁରୁବାର ପ୍ରଥମ କରି ନବରଙ୍ଗପୁର ଜିଲାରେ ଗଡିଥିଲା ଲକ୍ଷ୍ମୀ ବସ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନା ନବରଙ୍ଗପୁର ଜିଲାବାସୀଙ୍କ ପାଇଁ ଆଶୀର୍ବାଦ ପାଲଟିଛି। ଜିଲାର ୧୮୯ ପଞ୍ଚାୟତରେ ମୋଟ ୩୧ ବସ୍ ଚାଲିଥିବାବେଳେ ଜିଲାର ସମସ୍ତ ମାଆଙ୍କର ମୁଖ୍ୟ ସାରଥି ପାଲଟିଛି ଲକ୍ଷ୍ମୀ ବସ୍ । ପୂର୍ବରୁ ଜିଲାର ସହର ଏବଂ ବ୍ଲକ ସଦର ମହକୁମାଠାରୁ ଗ୍ରାମାଞ୍ଚଳକୁ ଗମନାଗମନରେ ବହୁ ଅସୁବିଧା ରହିଥିଲା। ଲକ୍ଷ୍ମୀ ବସ ମାଧ୍ୟମରେ ଜଣେ ଚାଷୀ ବଜାର ସହିତ ଯୋଡ଼ି ହେଉଛି, ଛୋଟ ବଡ଼ ବ୍ୟବସାୟୀ ଗାଁରୁ ସହରକୁ ଆସିବାର ସୁଗମ ବ୍ୟବସ୍ଥା ପାଇଛନ୍ତି । ଜଣେ ରୋଗୀ କମ୍ ପଇସାରେ ଆରାମରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିପାରୁଛନ୍ତି। ସେହିପରି ଛାତ୍ରୀଛାତ୍ର ଗ୍ରାମାଞ୍ଚଳରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ମାତ୍ର ୫ଟଙ୍କା ଦେଇ ଯାତାୟାତ କରିପାରୁଛନ୍ତି । ବର୍ତ୍ତମାନ ପ୍ରତ୍ୟେକ ଗାଁ ବ୍ଲକ ସହ ଏବଂ ପ୍ରତ୍ୟେକ ବ୍ଲକ ସହର ସହିତ ଯୋଡିହୋଇଛି । ଫଳରେ ଲୋକଙ୍କ ମଧ୍ୟରେ ସମ୍ପର୍କ ଆହୁରି ମଜବୁତ୍ କରିପାରିଛି ଲକ୍ଷ୍ମୀ ବସ ।

ନବରଙ୍ଗପୁର ଏକ ଆଦିବାସୀ ଅଧୁଷିତ ଜିଲା। ଜିଲାରେ ପୂର୍ବରୁ ଗ୍ରାମାଞ୍ଚଳକୁ ଗମନାଗମର ବହୁତ ଅସୁବିଧା ଥିଲା। ଉମରକୋଟ ବ୍ଲକ ବଡକୁମାରୀ ପଞ୍ଚାୟତର ମୁନା ଡାକୁଆ କୁହନ୍ତି, ପୂର୍ବରୁ ଉମରକୋଟ ବ୍ୟାଙ୍କ ଓ ଉମରକୋଟ ସହରକୁ ଯିବାକୁ ହେଲେ ଅଟୋଭଡା ୫୦ ଟଙ୍କା ଲାଗୁଥିଲା। ବର୍ତ୍ତମାନ ଲକ୍ଷ୍ମୀ ବସ୍ ଯୋଜନା ହେବା ଦ୍ୱାରା ସୁବିଧାରେ ବ୍ୟାଙ୍କ ଓ ସହରକୁ ଆମେ ଯାଇପାରୁଛୁ । ସେହିପରି ଉମରକୋଟ ପଡ଼ାଗଡର ଗୀତା ପାଇକ, ବାଉଁଶବେଡାର ଅମ୍ବିକା ପାତ୍ର ଓ ଗୋଟିଗୁଡାର ବିଦ୍ୟୁତପ୍ରଭା ବେହେରା କୁହନ୍ତି, ଲକ୍ଷ୍ମୀ ବସ ଆମକୁ ସହରରେ ଥିବା ଡାକ୍ତରଖାନା ଯିବାରେ ବହୁ ସହାୟକ ହେଇଛି । ଏ ନେଇ ସେମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି କୋଷାଗୁମୁଡା ବ୍ଲକର ୨୬ଟି ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ସଂଯୋଗ କରିଥିବାବେଳେ ଛତିଶଗଡ ସୀମାନ୍ତବର୍ତ୍ତୀ ତଥା ଅପହଞ୍ଚ ଗ୍ରାମ ମୋତିଗାଁ, ବଡଗୁମୁଡା, ଉକିଆ ପାଲି, ବାଙ୍କୁଲୀ, ଆଟିଗାଁ ଓ ଏମକେରା ଗାଁକୁ ଲକ୍ଷ୍ମୀ ବସ୍ ଚଳାଚଳ କରୁଥିବାରୁ ଲୋକେ ବହୁତ ଉପକୃତ ହେଉଛନ୍ତି। ଲକ୍ଷ୍ମୀ ବସ୍ ସେବା ଦ୍ୱାରା ବ୍ୟବସାୟରେ ଉନ୍ନତି ଘଟୁଥିବା ବାଙ୍କୁଲିର ଜଣେ ମହିଳା ବ୍ୟବସାୟୀ ସାହେବ ଯାନୀ କହିଛନ୍ତି। କୋଷାଗୁମୁଡା ବ୍ଲକ୍‌ରେ ୬ଟି ଲକ୍ଷ୍ମୀ ବସ୍ ଚଳାଚଳ କରୁଥିବାରୁ ଜିଲା ସଦର ମହକୁମାଠାରୁ ପ୍ରାୟ ୮୦କିଲୋମିଟର ଦୂର ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ହୋଇପାରିଥିବା ଉକିଆପାଲିର ଦେବରାଜ ମାଝୀ ଓ ଏକରିର ମାଧବ ମିର୍ଗାନ, ଆଟିଗାଁର ଚିତ୍ତରଞ୍ଜନ ଗୌଡ଼ ଏବଂ ବଡ ଗୁମୁରୁ ମୋତିରାମ ଭତ୍ରା କହିଛନ୍ତି। ଜିଲାର ସୀମାନ୍ତବର୍ତ୍ତୀ ବ୍ଲକ ଚନ୍ଦାହାଣ୍ଡିର ୧୪ଟି ପଞ୍ଚାୟତକୁ ଲକ୍ଷ୍ମୀ ବସ ସେବା ସଂଯୋଗ କରୁଥିବାରୁ ଉପାନ୍ତ ଅଞ୍ଚଳ ଭାବେ ପରିଚିତ କୁହୁଡି, ଫଟକି, ଗମ୍ଭାରୀ ଗୁଡା, ଦଳବେଢା, ପାଟ ଖୋଲିଆ ଓ ଜମାଦାର ପଡ଼ା ଭଳି ବହୁ ଅଞ୍ଚଳର ଲୋକେ ଉପକୃତ ହେଉଥିବା ପାଟଖଲିଆ ଗ୍ରାମ ପଞ୍ଚାୟତର ଦ୍ରୌପଦୀ ସୋରି କହିଛନ୍ତି । ରାଇଘର ବ୍ଲକରେ ମଧ୍ୟ ୨୬ଟି ପଞ୍ଚାୟତ ରହିଥିବା ବେଳେ ବର୍ତ୍ତମାନ ସମସ୍ତ ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ସୁବିଧା ହୋଇପାରିଛି । ଏହି ବ୍ଲକର କିଛି ପଞ୍ଚାୟତ ବ୍ଲକ ସଦର ମହକୁମାର ନିକଟ ବର୍ତ୍ତି ରହିଥିବା ବେଳେ ଆଉ କିଛି ପଞ୍ଚାୟତ ବ୍ଲକ ସଦର ମହକୁମାଠାରୁ ବହୁ ଅପହଞ୍ଚରେ । ବ୍ଲକ୍‌ର ମୁଣ୍ଡିବେଢା, ବୋବେଇ, ହଳଦୀ, ଜଳନ ପାରା, ଗୋନା, ଖୁଣ୍ଟପୁ ଓ ପରଚି ପାରା, ଟିମନ ପୁରକୁ ବର୍ତ୍ତମାନ ବସ୍ ସୁବିଧା ହୋଇଥିବାରୁ ବବେଇ ପଞ୍ଚାୟତର ହେମବାଇ ଗଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

